

୧୯ ବର୍ଷ ● ୨ୟ ସଂଖ୍ୟା ● ଅଗଷ୍ଟ ୨୦୧୮

ରିପୋର୍ଟ : 'କାଦମ୍ବିନୀ' ଓ 'କୁନିକଥା' ସ୍ୱନକ୍ଷତ୍ର ଉତ୍ସବ
ସ୍ୱତନ୍ତ୍ର ପ୍ରସଙ୍ଗ : ଇତିହାସରୁ ସାମ୍ପ୍ରତିକ: ଶ୍ରୀମନ୍ଦିର ରତ୍ନଭଣ୍ଡାର
କଥାରେ କଥାରେ : ଶ୍ରୀମନ୍ଦିରରେ ଅଣହିନ୍ଦୁ ପ୍ରବେଶ
ଆଳାପ : ଲାସ୍ୟମୟୀ ଲିପ୍‌ସା
ସାହିତ୍ୟ : ୪ଟି ମନନଶୀଳ ଗଳ୍ପ, ୩ଟି କବିତା
ପୁସ୍ତକ ପରିକ୍ରମା : 'ଅପ୍ରତିମ ଭାରତ': ଏକ ଦୃଷ୍ଟିପାତ
ନିୟମିତ : ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ ବିଭାଗ।

## ରିପୋର୍ଟ : 'କାଦମ୍ବିନୀ' ଓ 'କୁନିକଥା'ର ସ୍ୱନକ୍ଷତ୍ର ଉତ୍ସବ

୨ ଜୁଲାଇ ୨୦୧୮ରେ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି 'କାଦମ୍ବିନୀ' ଓ 'କୁନିକଥା'ର ସ୍ୱନକ୍ଷତ୍ର ଉତ୍ସବ। ଉକ୍ତ ଉତ୍ସବ ସଂପର୍କରେ ଏକ ରିପୋର୍ଟ।

## ସ୍ୱତନ୍ତ୍ର ପ୍ରସଙ୍ଗ : ଇତିହାସରୁ ସାଂପ୍ରତିକ: ଶ୍ରୀମନ୍ଦିର ରତ୍ନଭଣ୍ଡାର

ଶତାବ୍ଦୀ ଶତାବ୍ଦୀ ଧରି ମହାପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥ ଓ ତାଙ୍କ ଶ୍ରୀମନ୍ଦିର ରହସ୍ୟାବୃତ ମଧ୍ୟରେ ରହିଆସିଛନ୍ତି। ସେମିତି ବି ରହସ୍ୟପୂର୍ଣ୍ଣ ତାଙ୍କ ରତ୍ନଭଣ୍ଡାର। ଶ୍ରୀମନ୍ଦିର ଜଗମୋହନ ସଂଲଗ୍ନରେ ରହିଛି ଲୀଳାମୟ ଠାକୁର ଦାରୁବ୍ରହ୍ମଙ୍କ ସେହି ରହସ୍ୟମୟ ରତ୍ନଭଣ୍ଡାର। ରତ୍ନଭଣ୍ଡାର ଓ ସେଥିମଧ୍ୟରେ ରହିଥିବା ଦୁଷ୍ପ୍ରାପ୍ୟ ଓ ଦୁର୍ମୂଲ୍ୟ ରତ୍ନକୁ ନେଇ ସମସ୍ତଙ୍କ ମନରେ ଅନେକ ଉତ୍କଣ୍ଠା। ରତ୍ନଭଣ୍ଡାରର ସ୍ଥିତି, ସ୍ୱରୂପ ଓ ଆକଳନକୁ ନେଇ ମଧ୍ୟ ବହୁ ଚର୍ଚ୍ଚା ଓ ଆଲୋଚନା। ଏହି ପରିପ୍ରେକ୍ଷୀରେ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଶ୍ରୀମନ୍ଦିର ରତ୍ନଭଣ୍ଡାର ସମ୍ପର୍କରେ 'କାଦମ୍ବିନୀ'ର ଏହି ସ୍ୱତନ୍ତ୍ର ପ୍ରତିବେଦନ।

## କଥାରେ କଥାରେ : ଶ୍ରୀମନ୍ଦିରରେ ଅଣହିନ୍ଦୁ ପ୍ରବେଶ...

ଶ୍ରୀମନ୍ଦିରରେ ଅଣହିନ୍ଦୁ ପ୍ରବେଶ ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟ ପ୍ରସ୍ତାବ ଦେବା ପରେ ବହୁ ସପକ୍ଷ ଓ ବିପକ୍ଷ ମତ ପ୍ରକାଶ ପାଇଛି। ଶ୍ରୀଜଗନ୍ନାଥ ଜଗତର ନାଥ ହୋଇଥିବାରୁ ତାଙ୍କୁ ଏକ ନିର୍ଦ୍ଦିଷ୍ଟ ଜାତି, ଧର୍ମ, ବର୍ଣ୍ଣ ଭିତରେ ସୀମାବଦ୍ଧ କରି ରଖିବା ଉଚିତ ନୁହେଁ ବୋଲି ସପକ୍ଷବାଦୀମାନେ ଯୁକ୍ତି ବାଢ଼ୁଥିବାବେଳେ ଶ୍ରୀମନ୍ଦିରକୁ ଅଣହିନ୍ଦୁଙ୍କ ପ୍ରବେଶକୁ ଗ୍ରହଣ କରିପାରୁନାହାନ୍ତି ବିପକ୍ଷବାଦୀମାନେ। ତେବେ ଭାଗବତର କଥାକୁ ଉଦ୍ଧାର କରି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଲାଗି ଶ୍ରୀମନ୍ଦିରରେ ପ୍ରବେଶ ବ୍ୟବସ୍ଥା ହୋଇପାରିବ କି ବୋଲି ଶ୍ରୀମନ୍ଦିର ପରିଚାଳନା କମିଟିକୁ ପ୍ରସ୍ତାବ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। 'ଭଗବତ ଗୀତା'ର ଏକ ପଂକ୍ତିକୁ ଅବତାରଣା କରି କିଛି କଟକଣା ମଧ୍ୟରେ ଅନ୍ୟ ଧର୍ମବିଶ୍ୱାସୀଙ୍କୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ଅନୁମତି ଦେବାକୁ ସର୍ବୋଚ୍ଚ ନ୍ୟାୟାଳୟ ପରାମର୍ଶ ଦେବା ପରିପ୍ରେକ୍ଷୀରେ 'ଶ୍ରୀମନ୍ଦିରରେ ଅଣହିନ୍ଦୁ ପ୍ରବେଶ...' ପ୍ରସଙ୍ଗରେ ସାହିତ୍ୟିକ, ଗବେଷକ ଓ ଶ୍ରୀମନ୍ଦିର ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ ମତାମତ ଜାଣିବାକୁ ଇଚ୍ଛା କରିଥିଲୁ ଆମେ। ସେହିସବୁ ମତାମତ 'କାଦମ୍ବିନୀ'ର ପ୍ରିୟ ପାଠକପାଠିକାଙ୍କ ପାଇଁ ସମର୍ପିତ। ପ୍ରକାଶିତ ମତାମତ ସମ୍ପୂର୍ଣ୍ଣ ଭାବରେ ସେମାନଙ୍କର ନିଜସ୍ୱ। ଏହି ମତାମତ ପ୍ରଦାନରେ 'କାଦମ୍ବିନୀ' ସମ୍ପାଦନାମଣ୍ଡଳୀଙ୍କର କୌଣସି ହସ୍ତକ୍ଷେପ ନାହିଁ।

## କବିତା

ଏଥର କବିତାରେ ରହିଛି: ସୌଭାଗ୍ୟବନ୍ତ ମହାରଣାଙ୍କ 'କଡ଼ ଲେଉଟିବାର ବେଳ', ଅଜିତ ଦାଶ ମହାପାତ୍ରଙ୍କ 'ମୁଁ ଅପେକ୍ଷାରେ ଅଛି' ଏବଂ ରୁନୁ ମହାନ୍ତିଙ୍କ 'ଗାନ ଗନ୍ଧର୍ବ ! ମୁଁ ତତେ ଭଲପାଏ'।

## ଗଳ୍ପ : ଚେରିବ୍ଲସମ୍‌ର ହସ
## ଲେଖିକା : ମୋନାଲିସା ମିଶ୍ର

"ତୁ କଣ କାଠ ପଥରରେ ଗଢା ! କାଲି ଯାଏଁ ମଦ ବୋତଲକୁ ସର୍ବସ୍ୱ କରି ଯିଏ ତୋ ବେକ, ପେଟ, ଗାଲ, ମୁହଁ ରକ୍ତାକ୍ତ କରିଦଉଥିଲା, ଘରର କୌଣସି ଦାୟିତ୍ୱ ନ ନେଇ ମଦ ଆଉ ଯାବତୀୟ କୁକାର୍ଯ୍ୟରେ ସବୁ ପଇସା ଉଡ଼େଇ ଦଉଥିଲା ଆଜି ତା' ପାଇଁ ସନ୍ତୁଳା ତିଆରି କରି ଚାମଚେ ଚାମଚେ ଖୁଆଉଛୁ ! ତା' ମଳମୂତ୍ର ସଫା କରୁଛୁ ଆଉ ପୁଣି ତାରି ପାଇଁ ଓଷାବ୍ରତ କରି ନିଜକୁ କଷ୍ଟ ଦଉଛୁ !"

## ଗଳ୍ପ : ତାରା ଭର୍ତ୍ତି ଆକାଶ
## ଲେଖକ: ବିରଜା ରାଉତରାୟ

ଏଣେ ଘରଟା ଭିତରେ ଜନ୍ମ ଦେଇସାରି ରକ୍ତସ୍ରାବ ହେତୁ କିଛି ସମୟ ପରେ ଆଖି ବୁଜି ଦେଇଥିଲା ବୋଉ। ଘଡିକ ଭିତରେ ପ୍ରାପ୍ତି ଓ ବିୟୋଗର ଯୁଗପତ୍ ଲୀଳାଖେଳାକୁ ସହଜରେ ଗ୍ରହଣ କରିପାରିନଥିଲା ତା ବା'। ସେ ହୋଇଯାଇଥିଲା ସଂପୂର୍ଣ୍ଣ ମୁହ୍ୟମାନ, ନିର୍ବାକ୍ ଓ ଭୟଙ୍କର ଭାବେ ତଟସ୍ଥ। ସରିଯାଇଥିଲା ତା' ଭିତରୁ ସଂସାର ପ୍ରତି ସରାଗ। ଖାଲି ବଂଚିଥିଲା ତ ବାପ ହେବାର ଦାୟରେ।

## ଗଳ୍ପ: ରେଷ୍ଟୋରାଁରେ ପ୍ରିୟ ଲେଖକ
## ଲେଖକ : ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର

କେହି ଯଦି ତମ ଲେଖାକୁ ଟିକେ ପ୍ରଶଂସା କରିଦେଲା ଆଉ ନିଜର ପ୍ରିୟ ଲେଖକ କହିଦେଲା ତା' ହେଲେ ତମେମାନେ ଅତି ସରଳ ଭାବେ ବିଶ୍ୱାସ କରିନିଅ। ଆଉ ସିଏ ଯଦି ଜଣେ ପାଠିକା ହୋଇଥାଏ ତ ତମମାନଙ୍କର ଖୁସି ଦ୍ୱିଗୁଣିତ ହେଇଯାଏ। ଆଗରୁ ଚିଠିରେ ଚିଠିରେ ଯାହାସବୁ କାଣ୍ଡକାରଖାନା ହେଉଥିଲା। ଆଜିକାଲି ଫେସବୁକ, ହ୍ୱାଟସଆପ୍ ଆସିବାପରେ ସମସ୍ତେ ବେଶୀ ନିକଟତର ହୋଇଯାଉଛନ୍ତି। ଲେଖକର ଲେଖାକୁ ପଢ଼ାଯାଉ। ଲେଖକକୁ ଭେଟି ଅଧିକ ଘନିଷ୍ଠ ହେବାରେ କି ଆବଶ୍ୟକତା ରହିଛି ?

## ଗଳ୍ପ : ଜୀଅନ୍ତା ଷ୍ଟାଚ୍ୟୁ
## ଲେଖକ : କୈଳାସ ବେହେରା

ପୁଅକୁ ନେଇ ସ୍ୱପ୍ନ ଦେଖୁଥାଏ ରତନା। ମନ ଭିତରେ ଛନକା ପଶୁଥାଏ, ପାହାନ୍ତି ତାରା ପରି ସ୍ୱପ୍ନସବୁ ଆପଣାଛାଏଁ ଉଭେଇ ଯିବନି ତ ? ମନେପଡ଼ିଲା ସେଦିନର କଥାସବୁ। ରତନା ରିକ୍ସାବାଲା ଥିଲା ଏ ଗାଁର ଆଗ ଡାକରା। ଗାଁର ମୁଖିଆ ହେଉ କି ଗରିବ ସାଧାରଣ ଲୋକଟିଏ ହେଉ, ସମସ୍ତଙ୍କ ବିପଦ ଆପଦରେ ସେ ଥିଲା ସାହା ଭରସା। ଗାଁ ମୁଖିଆର ସ୍ତ୍ରୀ ଯେତେବେଳେ ପ୍ରସବ ଯନ୍ତ୍ରଣା ସହ୍ୟ କରି ପାରୁନଥିଲା, ସେତେବେଳେ ସେ ତା'ରି ରିକ୍ସାରେ ମେଡ଼ିକାଲ୍‌କୁ ଯାଇ ପୁଅଟିଏ ଜନ୍ମ ଦେଇଥିଲା।

## ଧାରାବାହିକ ଉପନ୍ୟାସ : ଜୀବନପାତ୍ର (ତ୍ରୟୋବିଂଶ ଭାଗ)
## ଲେଖକ : ରାମଚନ୍ଦ୍ର ବେହେରା

"କ'ଣ ମନ ହେଉଚି, ଜାଣ ?" ରୁବି ଭାଷା ଜରିଆରେ ଗୁଳି ଚାଳନା କଲା ବୁଲୁ ଉପରକୁ। ପରକ୍ଷଣରେ ତା' ସ୍ୱର ପରିଣତ ହେଲା ଗର୍ଜନରେ, "ତୁମ ବେକକୁ ଚିପି ଧରନ୍ତି ଏ ଦୁଇ ହାତର ଜାବରେ। ଠକ୍ କରି ଗଡି ପଡନ୍ତ ଚେୟାରରୁ। ଅଦରକାରୀ ବସ୍ତାଏ ମଇଳା ଭଳି।"

## ଭ୍ରମଣ କାହାଣୀ: ମୋ ଝର୍କାର ପୃଥିବୀ (ଚର୍ତୁଦଶ ଭାଗ)
## ଲେଖିକା : ସୁସ୍ମିତା ବାଗ୍‌ଚୀ

ଭ୍ରମଣ କାହାଣୀ 'ମୋ ଝର୍କାରୁ ପୃଥିବୀ' ୧୯୯୧ରୁ ୧୯୯୩ ପର୍ଯ୍ୟନ୍ତ ଧାରାବାହିକ ଭାବରେ 'ସୁଚରିତା'ରେ ପ୍ରକାଶ ପାଇ ଲୋକପ୍ରିୟ ହୋଇଥିଲା। ପରେ ଏହାର ଦ୍ୱିତୀୟ ଭାଗ ଲେଖିବା କଥା ମୋତେ ଅନେକ ପାଠକ ପାଠିକା କହିଥିଲେ। ବିଭିନ୍ନ କାରଣରୁ ତାହା ଆଉ ସମ୍ଭବ ହୋଇପାରି ନ ଥିଲା। ମୋର ମନେହୁଏ ସବୁ ପାଇଁ ଗୋଟିଏ ଉପଯୁକ୍ତ ସମୟ ଥାଏ। ଏବେ କଲମ ଧରିଲେ 'ମୋ ଝର୍କାରୁ ପୃଥିବୀ' ଲେଖିବା ପାଇଁ ନିଜ ଭିତରୁ ଏଭଳି ଆଗ୍ରହ ଆସୁଛି ଯେ, ତାକୁ ମୁଁ ଆଡ଼େଇ ଦେଇ ପାରୁନାହିଁ। ଆଶା କରୁଛି, ପ୍ରଥମ ଭାଗ ଭଳି 'କାଦମ୍ବିନୀ'ରେ ପ୍ରକାଶିତ ଦ୍ୱିତୀୟ ଭାଗଟି ମଧ୍ୟ ପାଠକ ପାଠିକାଙ୍କୁ ଭଲ ଲାଗିବ। - ଲେଖିକା

## ପୁସ୍ତକ ପରିକ୍ରମା: 'ଅପ୍ରତିମ ଭାରତ' : ଏକ ଦୃଷ୍ଟିପାତ
## ସମୀକ୍ଷା : ଅସିତ ମହାନ୍ତ

'ଅପ୍ରତିମ ଭାରତ'। ଏ ହେଉଛି ବହିଟିର ନାଆଁ। ଇଂରାଜୀରେ କିନ୍ତୁ ଏହାକୁ 'Unique India' କୁହା ନଯାଇ କୁହାଯାଇଛି 'Unique Bharat'। ଏହା ପଛରେ ଅଛି ଏହି ପ୍ରକାଶନର ଆଭିମୁଖ୍ୟ। 'ଇଣ୍ଡିଆ'ଠାରୁ 'ଭାରତ' ଆମର ଅଧିକ ପ୍ରିୟ। ଅଧିକ ଅନ୍ତରଙ୍ଗ। ଆମର ଐତିହ୍ୟ ସହିତ 'ଭାରତ' ଅଧିକ ଘନିଷ୍ଠ।

## ଆଳାପ : ଲାସ୍ୟମୟୀ ଲିପ୍‌ସା

ବର୍ତ୍ତମାନ ସମୟର ଉଭୟ ଓଡ଼ିଆ ଟେଲିଜଗତ ଓ ସିନେଜଗତର ଜଣେ ଜଣାଶୁଣା ଅଭିନେତ୍ରୀ ହେଉଛନ୍ତି ଲିପ୍‌ସା ମିଶ୍ର। ଏବେ ତାଙ୍କ ଅଭିନୀତ ମେଗା ଧାରାବାହିକ 'ତୋ ଅଗଣାର ତୁଳସୀ ମୁଁ'ର ଶୀର୍ଷକ ଚରିତ୍ର 'ତୁଳସୀ'ରେ ତାଙ୍କ ଅଭିନୟ ତାଙ୍କୁ ବେଶ୍ ଚର୍ଚ୍ଚିତ କରି ରଖିଛି। କେବଳ ଧାରାବାହିକ ନୁହେଁ ଚଳଚ୍ଚିତ୍ରରେ ମଧ୍ୟ ତାଙ୍କ ପ୍ରତିଭାର ଉପଯୋଗ ହୋଇଛି। ଚଳଚ୍ଚିତ୍ର 'ମାୟା' (୨୦୧୫) ତାଙ୍କ ଅଭିନୀତ ପ୍ରଥମ ଚଳଚ୍ଚିତ୍ର। ତା'ପରେ 'ପିଲାଟା ବିଗିଡ଼ିଗଲା', 'ସମୟ ବଡ଼ ବଳବାନ', 'ଜୋକର୍', 'ଫୋର୍ ଇଡିଅଟ୍ସ' ପରେ ନିକଟରେ ମୁକ୍ତିଲାଭ କରିଛି ତାଙ୍କ ଅଭିନୀତ ଚଳଚ୍ଚିତ୍ର 'ଟୋକାଟା ଫସିଗଲା'। ଏତଦ୍‌ବ୍ୟତୀତ ଜଣେ ଭଲ କାର୍ଯ୍ୟକ୍ରମ ସଂଚାଳକ ବା ଆଙ୍କରଭାବେ ମଧ୍ୟ ତାଙ୍କର ସୁନାମ ରହିଛି। ବିଭିନ୍ନ କ୍ଷେତ୍ରରେ ଆଗକୁ ଆଗେଇ ଚାଲିଥିବା ଅଭିନେତ୍ରୀ ଲିପ୍‌ସା ମିଶ୍ରଙ୍କ ସହ 'କାଦମ୍ବିନୀ'ର ଏକ ଆଳାପ ପ୍ରିୟ ପାଠକମାନଙ୍କ ପାଇଁ।

## ଚଳନ୍ତିକା

ଏ ମାସରେ ଚଳନ୍ତିକା ପୃଷ୍ଠାରେ ରହିଛି: 'ଅପ୍ରତିମ ଭାରତ' ଉନ୍ମୋଚିତ, କନ୍ୟା ସୁରକ୍ଷା ପ୍ରତିଭା ସମ୍ମାନ ଉତ୍ସବ, ପରିପୂର୍ଣ୍ଣା ସମ୍ମାନ, ସାହିତ୍ୟ ଏକାଡ଼େମିର ସ୍ୱନକ୍ଷତ୍ର ସମାରୋହ, ରାଗ ମହ୍ଲାର, ଶ୍ରେଷ୍ଠ ଭାରତ ସଂସ୍କୃତି ସମାଗମ ଏବଂ ଦେବପ୍ରସାଦଙ୍କ ସ୍ମୃତିରେ।

## ମନୋରଞ୍ଜନ

ପ୍ରେମ ପାଇଁ ମହାଭାରତ, ତୁ ମୋ ନୀଳ ନୟନା, ସାଥୀ ତୁ ଫେରିଆ, ଲଭ୍ ଏକ୍ସପ୍ରେସ୍, ଅଭିଷେକ-ଐଶ୍ୱର୍ଯ୍ୟାଙ୍କ 'ଗୁଲାବ ଜାମୁନ୍' ଏବଂ ବୋନିଙ୍କ ଖୁସୀ।

## ଆମ ରୋଷେଇ

ଏ ମାସର ରୋଷେଇ ପୃଷ୍ଠାରେ ଅଛି: କଦଳୀ ମାଲପୁଆ, ସଜନାଶାଗ ବରା, ଖେଚେଡ଼ି ପକୁଡ଼ି, ଛଚିନ୍ଦ୍ରା ଓ ମାଛ ଚପ୍, ଚାଉଳ ପକୁଡ଼ି ଓ ମାଣ୍ଡିଆ, ମଇଦା, ମଟର ପକୁଡ଼ି।

## ଘରକରଣା

ଏଥର ମଧ ଘରକରଣାରେ ରହିଛି କେତୋଟି ଘର ଉପଯୋଗୀ ଟିପ୍ସ।

## ରୂପଚର୍ଯ୍ୟା

ଏଥର ମଧ ରୂପଚର୍ଯ୍ୟାରେ ରହିଛି କେତୋଟି ରୂପ ଉପଯୋଗୀ ଟିପ୍ସ।

## ରାଶିଗଣନା ଓ ତିଥି-ବାର-ବେଳା

ଅଗଷ୍ଟ ମାସର ରାଶିଫଳ ସାଙ୍ଗକୁ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ପଡୁଥିବା ବିଭିନ୍ନ ପର୍ବପର୍ବାଣି, ଜନ୍ମତିଥି ଇତ୍ୟାଦି ରହିଛି।

## ସ୍ୱାସ୍ଥ୍ୟ ସୂଚନା : ଅତିସାର

ବର୍ତ୍ତମାନ ବର୍ଷାଋତୁ। ଏହି ସମୟରେ ଶିଶୁ ଓ କିଶୋରମାନଙ୍କଠାରୁ ଆରମ୍ଭ କରି ବୟସ୍କମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ଅନେକ ଶାରୀରିକ ସମସ୍ୟା ଦେଖାଯାଏ। ଏହିସବୁ ସମସ୍ୟା ମଧରେ ଅତିସାର ବା ଡାଏରିଆ ଅନ୍ୟତମ। ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେସନ (WHO) ଅନୁଯାୟୀ, ଯଦି ଜଣେ ବ୍ୟକ୍ତିଙ୍କର ଦିନକୁ ୩ ଥରରୁ ଅଧିକ ପତଳା ଝାଡ଼ା ହୁଏ, ତେବେ ତାକୁ ଡାଏରିଆ ବା ଅତିସାର ବୋଲି କୁହାଯାଇଥାଏ। ଅନ୍ତନଳୀରେ ସଂକ୍ରମଣ ହେଉଛି ଏହାର ମୁଖ୍ୟ କାରଣ। ଏପରି ଝାଡ଼ାରେ ଜଳୀୟଅଂଶର ମାତ୍ରା ଅଧିକ ଥାଏ। ଯେହେତୁ ବର୍ଷାଦିନେ ଏହି ପ୍ରକାରର ଅସୁସ୍ଥତା ଅଧିକ ମାତ୍ରାରେ ଦେଖାଯାଇଥାଏ, ତେଣୁ ତା' ସମ୍ପର୍କରେ କିଛି ସୂଚନା ନିମ୍ନରେ ଦିଆଯାଇଛି।

■■■